## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ବିଷମକଟକ୧୬।୧୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା ବିଷମକଟକ ପୁରୁଣାପାଣି ଛକ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଦୁଇ ମୃତକ ହେଲେ ପାତ୍ରଗୁଡା ଗ୍ରାମର କୁମୁଟି ହିକ୍କା(୪୮) ଏବଂ ଢେପାଗୁଡ଼ା ଗ୍ରାମର ସୋମା ପିଟାଲୁ(୪୫)। ସେହିପରି ଥୁଆପାଡ଼ି ପଞ୍ଚାୟତ ଅଞ୍ଚଳର ନାଗେଶ୍ୱର ପ୍ରେପକା(୩୩) ଏବଂ ଟିବୁ ପ୍ରେପକା(୩୨) ଗୁରୁତର ଅଛନ୍ତି। ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥିବାବେଳେ ଏହାର କାରଣ ଅସ୍ପଷ୍ଟ ରହିଛି। ଦ୍ରୁତଗତିରେ ଯିବାବେଳେ ଭାରସାମ୍ୟ ହରାଇଥିବା ଅନୁମାନ କରାଯାଉଛି। କୁମୁଟିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ନାଗେଶ୍ୱରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ମୃତ୍ୟୁ ଘଟିଛି। ଦୁଇ ଗୁରୁତରଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ଜାତୀୟ ପ୍ରେସ୍ ଦିବସ ପାଳିତ

**ଗୁଣପୁର,୧୬।୧୧(ଡି.ଏନ୍.ଏ.):** ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୁଧବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଓୟୁଜେ ରାୟଗଡ଼ା ଜିଲା ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଓୟୁଜେର ରାଜ୍ୟ ଉପସଭାପତି ରାଜେଶ ପଟ୍ଟନାୟକ ଯୋଗ ଦେଇଥିବାବେଳେ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ଡାକ୍ତର ପ୍ରଦୀପ ପଣ୍ଡା ବକ୍ତାଭାବେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରଞ୍ଜିତ ପାଢ଼ୀ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ପଠନ କରିଥିଲେ। ଚିନ୍ମୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### 'ପାଓ' ପକ୍ଷରୁ ନବରଙ୍ଗପୁରର ଫଟୋଗ୍ରାଫର ପୁରସ୍କୃତ




**କୋଷାଗୁମୁଡ଼ା,୧୬।୧୧(ଡି.ଏନ୍.ଏ.):** ଫଟୋଗ୍ରାଫିକ୍ ଆସୋସିଏଶନ ଅଫ୍ ଓଡ଼ିଶା(ପାଓ) ପକ୍ଷରୁ ଭୁବନେଶ୍ୱର ଶିକ୍ଷା ଓ ଅନୁସନ୍ଧାନ(ସୋଆ) ୟୁନିଭର୍ସିଟିଠାରେ ଫଟୋ ଏକ୍ସପୋ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲା ଫଟୋଗ୍ରାଫର ଆସୋସିଏଶନର ସଭାପତି ତଥା କୋଷାଗୁମୁଡ଼ାର ଫଟୋଗ୍ରାଫର ପ୍ରଣବ ପଟ୍ଟନାୟକ ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ ହୋଇଛନ୍ତି। ନବରଙ୍ଗପୁରର ଫଟୋଗ୍ରାଫର ଡି. ରାମାରାଜୁଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ଦିନରେ ନବରଙ୍ଗପୁରରେ ମଧ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ସମସ୍ତ ଫଟୋଗ୍ରାଫର ଯୋଗଦେବେ ବୋଲି ଜିଲା ସଭାପତି ପଟ୍ଟନାୟକ କହିଛନ୍ତି। ନବରଙ୍ଗପୁର ଜିଲାର ପ୍ରଣବ ପଟ୍ଟନାୟକ ଓ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ୩୦ ଫଟୋଗ୍ରାଫର ଭୁବନେଶ୍ୱର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ମନ୍ଦିର ନିର୍ମାଣରେ ସହଯୋଗ ନେଇ ବିଧାୟକଙ୍କ ପ୍ରତିଶ୍ରୁତି

**ଉମରକୋଟ,୧୬।୧୧(ସ୍ୱ.ପ୍ର.):** ଉମରକୋଟ ସ୍ଥିତ ୮ ନମ୍ବର ୱାର୍ଡରେ ନୂତନ ଭାବେ ନିର୍ମାଣାଧୀନ ଆୟାପ୍ପା ମନ୍ଦିରକୁ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ନିର୍ମାଣ କାମ କିପରି ଶୀଘ୍ର ସରିବ ସେ ନେଇ ଆୟାପ୍ପା ମନ୍ଦିର ସଭାପତି ନଳିନୀ ରଞ୍ଜନ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ବିଧାୟକ ଏବଂ ମନ୍ଦିର ପ୍ରାଙ୍ଗଣରେ ଦୀକ୍ଷାଧାରୀଙ୍କ ସହ ବସି ପ୍ରସାଦ ସେବନ କରିଥିଲେ। ବିଧାୟକଙ୍କ ପକ୍ଷରୁ ଯାହା ସହଯୋଗ ଆବଶ୍ୟକ ସେସବୁ କରାଯିବ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ମନ୍ଦିର ପରିଦର୍ଶନକୁ ନେଇ ଦୀକ୍ଷାଧାରୀମାନେ ମଧ ଖୁସିବ୍ୟକ୍ତ କରିଥିଲେ। ଗସ୍ତ ସମୟରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଉପସ୍ଥିତ ଥିଲେ।

# ସୋଲାର ପ୍ୟାନେଲ, ଛାତ୍ରବୃତ୍ତି ନାଁରେ ନବରଙ୍ଗପୁରରୁ ୪୦ ଲକ୍ଷ ଠକେଇ

- ବାସ୍ତବ ଇଣ୍ଡିଆ ଟ୍ରଷ୍ଟ ନାଁରେ ଅଭିଯୋଗ
- ଇଓଡବ୍ଲ୍ୟୁ ପକ୍ଷରୁ ତଦନ୍ତ ଆରମ୍ଭ

**ନବରଙ୍ଗପୁର,୧୬।୧୧(ବି.ପ୍ର.)**

ନବରଙ୍ଗପୁର ଜିଲାରେ ବାସ୍ତବ ଇଣ୍ଡିଆ ଟ୍ରଷ୍ଟ ବିଭିନ୍ନ ଉପାୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରିଥିବା ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ନିକଟରେ ଅଭିଯୋଗ ହୋଇଛି। ଏ ନେଇ ୫୦୧୯/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ନିଯୁକ୍ତି ଆଶାରେ ଖୁସି ଅନୁଭବ କରୁଥିବା କର୍ମଚାରୀ ଠକେଇର ଶିକାର ହେବା ପରେ ଭବିଷ୍ୟତ କ'ଣ ହେବ ଏବଂ ଲୋକଙ୍କ ଠାରୁ ଆଣିଥିବା ଟଙ୍କା କିଭଳି ଫେରିବ ସେହି ଚିନ୍ତାରେ ରହିଛନ୍ତି। ରାଜ୍ୟରେ ନବରଙ୍ଗପୁର ସମେତ ସୁନ୍ଦରଗଡ଼, ଭଦ୍ରକ, ବାଲେଶ୍ୱର, କନ୍ଧମାଳ, ବରଗଡ଼, ପୁରୀ ଜିଲାରେ ମଧ ଟ୍ରଷ୍ଟ ପକ୍ଷରୁ ଏଭଳି ଠକେଇ ହୋଇଥିବା ଜଣାପଡ଼ିଛି।

ରାଜ୍ୟରେ ନୂଆଦିଲ୍ଲୀ ସ୍ଥିତ ସାଲିମାର୍ ବାଗ୍ ଅଞ୍ଚଳର ଠିକଣାରେ ବାସ୍ତବ ଇଣ୍ଡିଆ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଝାଡ଼ଖଣ୍ଡର ସ୍ୱାଟାୱାର ଠାରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ଠାରେ ଜୋନାଲ କାର୍ଯ୍ୟାଳୟ ରହିଛି। ବାସ୍ତବ ଇଣ୍ଡିଆ ଟ୍ରଷ୍ଟ ନାଁରେ ଜୋନାଲ ଅଫିସ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଫେବୃୟାରୀ ୨ୟ ସପ୍ତାହରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଜିଲା ସଂଯୋଜକଙ୍କୁ ୨୫ ହଜାର ଟଙ୍କା ଦରମା, ବ୍ଲକ ସଂଯୋଜକଙ୍କୁ ୧୩ ହଜାର, ଓ ପଞ୍ଚାୟତ କୋଅର୍ଡିନେଟରଙ୍କୁ ୮ ହଜାର ଟଙ୍କା ଦରମା ଦିଆଯିବ ବୋଲି ଉଲ୍ଲେଖ ରହିଥିଲା। ସ୍ୱଚ୍ଛ ଭାରତ ମିଶନ ଓ ଗରିବ ଲୋକଙ୍କୁ ଭତ୍ତା ପ୍ରଦାନ ପାଇଁ କାର୍ଯ୍ୟ କରିବେ ବୋଲି କୁହାଯାଇଥିଲା। ଡାବୁଗାଁ ଅଞ୍ଚଳର ଶକ୍ତି ସିଂ ବିଜ୍ଞାପନ ଦେଖି ଭୁବନେଶ୍ୱର ଜୋନ୍ ଅଫିସରେ ପହଞ୍ଚିଥିଲେ। ରାଜ୍ୟ ସଂଯୋଜକ ଅମର ଡାନିସ୍ ତାଙ୍କୁ ନିଯୁକ୍ତି ଦେଇଥିଲେ। ପରେ ନବରଙ୍ଗପୁର ଓ ଉମରକୋଟ ଠାରେ ବଡ ଧାରଣର ବୈଠକ କରିବା ସହ ପାପଡ଼ାହାଣ୍ଡିରେ ବ୍ଲକ ଓ ପଞ୍ଚାୟତ ସଂଯୋଜକଙ୍କୁ ନିଯୁକ୍ତି ପତ୍ର ଦେଇଥିଲେ। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ସମେତ ଏମ୍‌ଏସ୍‌ଏମ୍‌ଇର ଲୋଗୋ ଦେଖାଇ ଏହା ପଞ୍ଜୀକରଣ ସଂସ୍ଥା ବୋଲି ବିଶ୍ୱାସ ଜନ୍ମାଇଥିଲେ। ୧୮୦ ଦିନରେ ୧୮୦ ଜଣଙ୍କୁ ସୋଲାର ସିଷ୍ଟମ ବିକ୍ରି କରିବାକୁ କୁହାଯାଇଥିଲା। ଏ ନେଇ ଲୋକେ ପ୍ରଥମ କିସ୍ତିରେ ୧୬୫୦ ଟଙ୍କା ଦେବେ ଏବଂ ପରେ ବ୍ୟାଟେରୀ ସୋଲାର ପାନେଲ ୱାଟ୍ ଅନୁଯାୟୀ ଏମ୍‌ଆରପି ଠାରୁ ୪୦ ପ୍ରତିଶତ କମ୍ ଟଙ୍କାରେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଏହାର ମୂଲ୍ୟ ୪ କିସ୍ତିରେ ହିତାଧିକାରୀ ପ୍ରଦାନ କରିବେ। ୧୬୫୦ ଟଙ୍କା ଜମା କରିବା ପରେ ହିତାଧିକାରୀଙ୍କୁ ୬ଟି ବଲବ୍ ଥିବା ଏକ କିଟ୍ ଦିଆଯାଉଥିଲା। ପରେ ଟ୍ରଷ୍ଟ ପକ୍ଷରୁ ଛାତ୍ରବୃତ୍ତି ୧ ହଜାର ଟଙ୍କା ପ୍ରଦାନ କରାଯିବ ଏବଂ ଛାତ୍ରୀଛାତ୍ରଙ୍କ ଅଭିଭାବକ ୩ ହଜାର ଟଙ୍କା ଜମା କରିବେ ବୋଲି କୁହାଯାଇଥିଲା। ଛାତ୍ରମାନେ ୨୪ ମାସ ୧ ହଜାର ଟଙ୍କା ଲେଖାଏ ଛାତ୍ରବୃତ୍ତି ପାଇବେ ବୋଲି କହିଥିଲେ। ଗୋଟିଏ ମାସରେ ଜିଲାରେ ୧୫୩ ଛାତ୍ରଙ୍କ ମଧ୍ୟରୁ ୬୦ ଜଣ ୧ ହଜାର ଟଙ୍କା ଲେଖାଏ ପାଇଥିଲେ। ବିଶ୍ୱାସ କରି ଅଗଷ୍ଟରେ ଜିଲାର ୭୦୦ ଜଣ ଛାତ୍ରବୃତ୍ତି ପାଇଁ ୩ ହଜାର ଟଙ୍କା ଲେଖାଏ ଜମା କରିଥିଲେ। ହେଲେ ଏହା ପରଠାରୁ ଆଉ ଛାତ୍ରବୃତ୍ତି ମିଳି ନ ଥିଲା। ବ୍ଲକ ଓ ପଞ୍ଚାୟତ ସଂଯୋଜକଙ୍କୁ ଦରମା ମଧ ଦିଆଯାଇ ନ ଥିଲା। ସନ୍ଦେହ ହେବାପରେ ଜିଲା, ବ୍ଲକ ଓ ପଞ୍ଚାୟତ ସଂଯୋଜକ ମାନେ ଭୁବନେଶ୍ୱର ଜୋନାଲ୍ ଅଫିସକୁ ଫୋନ୍ କରିବା ପରେ ବିଭିନ୍ନ ଆଳ ଦେଖାଇଥିଲେ। ପରେ ସଂସ୍ଥାର ଆଉ କାର୍ଯ୍ୟାଳୟ ନ ଥିବା ନେଇ ସେପ୍ଟେମ୍ବର ୭ ରେ ଜିଲା ଓ ବ୍ଲକ ସଂଯୋଜକ ଖବର ପାଇଥିଲେ। ଭୁବନେଶ୍ୱର ଯାଇ ସମସ୍ତ ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ ବିଭିନ୍ନ ଆଳ ଦେଖାଇ ଜିଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ମନବୋଧ ସୌରାଙ୍କୁ ଫେରାଇ ଦେଇଥିଲେ। ଜିଲାରେ ବ୍ଲକ ଓ ପଞ୍ଚାୟତ ସ୍ତରରୁ ପ୍ରାୟ ୪୦ ଲକ୍ଷ ଟଙ୍କା ଟ୍ରଷ୍ଟ ଆକାଉଣ୍ଟରେ ଜମା ହୋଇଥିଲା। ହେଲେ ହିତାଧିକାରୀ ସୁବିଧା ପାଇପାରୁ ନାହାଁନ୍ତି। ଠକେଇର ଶିକାର ହୋଇଥିବା ନେଇ ସମସ୍ତ ତଥ୍ୟ ସହ ଜିଲା ସଂଯୋଜକ ଓ ବ୍ଲକ ସଂଯୋଜକ ନବରଙ୍ଗପୁର ଏସ୍‌ପିଙ୍କ ନିକଟରେ ସେପ୍ଟେମ୍ବର ୧୪ ରେ ଲିଖିତ ଅଭିଯୋଗ କରିଥିଲେ। ପରେ ୧୭ ତାରିଖରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେପ୍ଟେମ୍ବର ୨୦ ରେ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ ହୋଇଛି। ରାଜ୍ୟରେ ୭ ଜିଲାରେ ଏହିଭଳି ଠକେଇ ହୋଇଥିବା ଜିଲା ସଂଯୋଜକ ଶକ୍ତି ସୂଚନା ଦେଇଛନ୍ତି।




@ ନବୀନ



@ କ୍ଷୀଲେନ୍ଦ୍ର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୟୁଏଆଇଏଲ୍ ପକ୍ଷରୁ ପରିବେଶ, ଖଣିଜ ସଚେତନତା କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

**ଟିକିରି,୧୬।୧୧(ଡି.ଏନ୍.ଏ.)**

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍) ପକ୍ଷରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ନିକଟ ବାଫିଲମାଳି ବକ୍ସାଇଟ ଖଣି ପରିସରରେ ଆଞ୍ଚଳିକ ପରିବେଶ ତଥା ଖଣିଜ ସଚେତନତା କାର୍ଯ୍ୟକ୍ରମ(ଇଏମ୍‌ଏପି) ଗତ ୧୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ୍ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ (ଏସ୍‌ଜିଏଟି) ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ୍ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିସ୍ ରାଜ୍ୟର ବିଭିନ୍ନ ଖଣି ଅଞ୍ଚଳରେ ୧୯୯୦ରୁ ପ୍ରତ୍ୟେକ ବର୍ଷ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ପରିବେଶ ତଥା ଖଣିଜ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। ଚଳିତ ଥର କାର୍ଯ୍ୟକ୍ରମରେ ରାୟଗଡ଼ା ଓ କଳାହାଣ୍ଡି ଜିଲାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

ଖଣିଜ ସମୃଦ୍ଧ ଅଞ୍ଚଳରେ ସ୍କୁଲ ପିଲାଙ୍କ ମଧ୍ୟରେ ଖଣିକାର୍ଯ୍ୟ ଏବଂ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବାକୁ ପ୍ରବନ୍ଧ ଲିଖନ ଏବଂ କୁଇଜ୍ ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା। ବିଜେତା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍କଳ ଆଲୁମିନାର ୟୁନିଟ୍ ମୁଖ୍ୟ ତଥା ସଭାପତି ମଜହର ବେଗ୍ ଏହି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏଭଳି ସମ୍ପୂର୍ଣ୍ଣ ନୂତନ ଏବଂ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ ତଥା ସାମାଜିକ ବିକାଶ ଦିଗରେ ଅବଦାନ ନିମନ୍ତେ ଏସ୍‌ଜିଏଟିର ପ୍ରୟାସକୁ ପ୍ରଶଂସା କରିଥିଲେ। ସେହିପରି ମହତ୍ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ସଞ୍ଚାଳନ ନିମନ୍ତେ ଉତ୍କଳ ଆଲୁମିନାର ଖଣି ଟିମ୍‌ର ଉଦ୍ୟମ ମଧ ପ୍ରଶଂସନୀୟ ବୋଲି ସେ କହିଥିଲେ। ଖଣି ମୁଖ୍ୟ ମୁକେଶ କୁମାର ଝା, ଉତ୍କଳ ଆଲୁମିନାର ଉପସଭାପତି କୌଶିକ ସରଣ ମିଶ୍ର, ଏସ୍‌ଜିଏଟିର ଜେ.ଏନ୍. ଦାସ ଏବଂ ଏ. କେ. ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ଜ୍ୟୋତିଷୀ, ପ୍ରଦ୍ୟୁମ୍ନ ଦାସ, ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ଜିଓଲୋଜି ସର୍ଭେ ଓ ସିଏସ୍‌ଆର୍ ଟିମ୍ ସମୁଦାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳିତ

**ଉମରକୋଟ,୧୬।୧୧(ସ୍ୱ.ପ୍ର.)**

ଉମରକୋଟ ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ଏସ୍‌ଏସ୍ ଇଣ୍ଟରନ୍ୟାଶନାଲ ହୋଟେଲ ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ନିରପେକ୍ଷ ଖବର ପ୍ରକାଶ ଉପରେ ଗୁରୁତ୍ୱ ଦେଲେ ସମାଜ ପାଇଁ ଦିଗ୍‌ଦର୍ଶନରେ ସହାୟକ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ପୌରାଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝି, ବିଡିଓ ହିମାଞ୍ଚଳ ମାଝି, ପୌର ନିର୍ବାହୀ ଅଧିକାରୀ ରଷି ମାଝି, ଥାନାଧିକାରୀ ଦୀପକ କୁମାର ଜେନା



ପ୍ରମୁଖ ଉପସ୍ଥିତ ରହି ଗଣମାଧମ ପ୍ରତିନିଧିଙ୍କ ସ୍ୱାଧୀନତା ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉମରକୋଟ ପ୍ରେସ୍ କ୍ଲବ୍ ସଭାପତି ମହେଶ୍ୱର ବେହେରା, ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିର୍ଭୁଲ୍ ଏବଂ ତଥ୍ୟଭିତ୍ତିକ ଖବର ପରିବେଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଆକ୍ରୋଶମୂଳକ ଏବଂ ଭ୍ରମାତ୍ମକ ଖବର ପରିବେଷଣରୁ ନିବୃତ୍ତ ରହିବା ପାଇଁ ଉପସ୍ଥିତ ସମସ୍ତ ଗଣମାଧମ ପ୍ରତିନିଧି ଶପଥ ନେଇଥିଲେ।

# ଅସନ୍ତୋଷ ପ୍ରକାଶ କଲେ ଏମ୍‌ପି, ବିଧାୟକ

**ରାୟଗଡ଼ା ଅଫିସ,୧୬।୧୧**

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି**

ରାୟଗଡ଼ା ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଯୋଜନା ଗରିବ ହିତାଧିକାରୀଙ୍କ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବାବେଳେ ତାହା ହେଉନାହିଁ ବୋଲି ସେମାନେ କହିଛନ୍ତି। ଯୋଜନା ଦାୟିତ୍ୱରେ ରହିଥିବା ଜିଆରଏସ୍, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ମିଥ୍ୟା ବିଲ୍ କରି ଅନୁଦାନ ଅର୍ଥ ହଡ଼ପ କରୁଛନ୍ତି ବୋଲି କହିଛନ୍ତି।

କାଶୀପୁର ବ୍ଲକ ମୁନୁଷ୍ ଗାଁ ପଞ୍ଚାୟତରେ ଦୁର୍ନୀତିର ଖୋଳତାଡ଼ ଚାଲିଥିବା ବେଳେ ଏମ୍‌ପି ଏବଂ ବିଧାୟକଙ୍କ ଏଭଳି ମତ ତଦନ୍ତକୁ ଆହୁରି ନିରପେକ୍ଷ କରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ବିଧାୟକ ମୁଦୁଲି କହିଛନ୍ତି, ଯଦି କାଶୀପୁର ବ୍ଲକରେ ଯୋଜନାରେ କାମ ହେଉଛି ତେବେ ଯୋଜନା ଟଙ୍କା ଅନ୍ୟ ଜିଲା ବାଲେଶ୍ୱର, ଭଦ୍ରକ ଅଞ୍ଚଳର ଲୋକଙ୍କ ଆକାଉଣ୍ଟରେ କିଭଳି ଜମା ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ଦୁର୍ନୀତି ନେଇ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି ଏବଂ କାଶୀପୁର ବ୍ଲକ ଅଧକ୍ଷ କଣ୍ଟ ମାଝି ମଧ ଅଭିଯୋଗ କରି ବିଭିନ୍ନ ଉଦାହରଣ ଦେଇଥିଲେ। କାଶୀପୁର ବ୍ଲକରେ କିଛି ଦଲାଲ ହିତାଧିକାରୀଙ୍କ ଜବ୍‌କାର୍ଡ ନେଇ ଅର୍ଥ ବାଟମାରଣା କରୁଥିବା ଜିଲା ପରିଷଦ ଅଧକ୍ଷା ଏବଂ ବିଧାୟକ ପ୍ରକାଶ କରିଛନ୍ତି। ବୈଠକରେ ମୁନିଗୁଡ଼ା ସରପଞ୍ଚ ମଧ ବ୍ଲକରେ ହୋଇଥିବା ଅନ୍ୟ ଏକ ଦୁର୍ନୀତି ବିଷୟରେ ଜଣାଇଥିଲେ। ମୁନିଗୁଡ଼ା ସ୍ଥିତ କଲେଜ ଛକ ନିକଟରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମର ବିଲ୍ ହୋଇଥିବା ବେଳେ କୌଣସି କାମ ହୋଇ ନ ଥିବା କହିଛନ୍ତି। ଶ୍ରମିକ କାମ କରି ସମୟରେ ମଜୁରି ନ ପାଇବା ନେଇ ମିରାବାଲି ସରପଞ୍ଚ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ପାଇଁ ଫାଇଲ ଖୋଲାଯାଇଥିଲେ ମଧ କାମ ହେଉ ନ ଥିବା ସୁଙ୍ଗେର ସରପଞ୍ଚ ଅଭିଯୋଗ କରିଛନ୍ତି। କାଶୀପୁର ବ୍ଲକ ଭଳି କୋଲନରା ବ୍ଲକରେ ମଧ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା।

# ରେଲୱେ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ମୁନିଗୁଡ଼ା,୧୬।୧୧(ଡି.ଏନ୍.ଏ.)**

**ବ୍ୟବସାୟୀ ନିରାଶ**

ରାୟଗଡ଼ା ଜିଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ମୁନିଗୁଡ଼ାରେ ବୁଧବାର ପୂର୍ବାହ୍ନରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁନିଗୁଡା ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଦେବାଶିଷ ଗୌଡ଼ଙ୍କ ନେତୃତ୍ୱରେ ମୁନିଗୁଡ଼ା ରାଜସ୍ୱ ବିଭାଗ, ମୁନିଗୁଡ଼ା ପୋଲିସ, ଜିଆର୍‌ପି ଓ ଆରପିଏଫ୍‌ର ମିଳିତ ସହଯୋଗରେ ଏହି ଉଚ୍ଛେଦ ଚାଲିଛି। ରେଲୱେ ଷ୍ଟେଶନ ପ୍ରବେଶ ପଥଠାରୁ ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ଉଚ୍ଛେଦ ଅଭିଯାନ ମଧ୍ୟରେ ଥିବା ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀ ଏହି ଉଚ୍ଛେଦକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘ ବର୍ଷ ଧରି ଏହି ସ୍ଥାନରେ ରହିବା ସହ ବ୍ୟବସାୟ କରି ପେଟ ପୋଷୁଥିଲେ। ହେଲେ ପ୍ରଶାସନର ଉଚ୍ଛେଦ ସେମାନେ ଗ୍ରହଣ କରି ପାରୁନାହାଁନ୍ତି। ସୂଚନାଯୋଗ୍ୟ, ମୁନିଗୁଡ଼ା-ଭବାନୀପାଟଣା ମୁଖ୍ୟ ସଡ଼କର ରେଲୱେ ଜାଗାରେ ଥିବା ୩୪ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରୁ ୧୬ ବ୍ୟବସାୟୀ ପୂର୍ବରୁ ପ୍ରଶାସନର ଦ୍ୱାରସ୍ଥ ହୋଇ ହତାଶ ହେବାପରେ କୋର୍ଟରେ ଆଶ୍ରୟ ନେଇ ୩ ମାସ ପର୍ଯ୍ୟନ୍ତ ରହିତାଦେଶ ଆଣିଥିବାରୁ ସେମାନଙ୍କୁ ସାମାନ୍ୟ ତ୍ରାହି ମିଳିଛି। ହେଲେ ୩ ମାସର ଅବଧି ଜାନୁୟାରୀ ମାସରେ ସରିବା ପରେ ବାକି ଜବରଦଖଲ ଉଚ୍ଛେଦ ହେବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ରେଲୱେର ତୃତୀୟ ରେଳ ଧାରଣା ପାଇଁ ସମ୍ପ୍ରସାରଣ ଜନିତ କାର୍ଯ୍ୟ ତଥା ଷ୍ଟାଫ କ୍ୱାଟର୍ସ, କାର୍ଯ୍ୟାଳୟ ଏବଂ ଅନ୍ୟ ନିର୍ମାଣ ପାଇଁ ଉଚ୍ଛେଦ ଜରୁରୀ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଦୀର୍ଘଦିନର ବ୍ୟବସାୟ ହରାଇ ଛୋଟ ବେପାରୀ ମାନେ ଭବିଷ୍ୟତକୁ ଚିନ୍ତାରେ ପଡ଼ିଛନ୍ତି। ଅନ୍ତତଃପକ୍ଷେ ଏହି ବେପାରିମାନଙ୍କୁ ପ୍ରଶାସନ ତରଫରୁ ଥଇଥାନ କରାଯାଉ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଉଚ୍ଛେଦ ପ୍ରକ୍ରିୟାରେ ମୁନିଗୁଡ଼ା ତହସିଲଦାରଙ୍କ ସମେତ ଜିଆର୍‌ପି ସହାୟକ ମଣ୍ଡଳ ଯନ୍ତ୍ରୀ(ଏଡିଇଏମ)ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସିନିୟର ସେକ୍ସନ ଇଞ୍ଜିନିୟର ସୁବ୍ରତ ନାୟକ, ଆର୍‌ପିଏଫ ଇନ୍ସପେକ୍ଟର ପି.ଏସ.ରାଓ, ମୁନିଗୁଡ଼ା ଥାନା ଆଇଆଇସି ସୁଜ୍ଞାନୀ ସାହୁ, ଆର୍‌ଆଇ ନିରାଞ୍ଜନ ଗୌଡ଼ ପ୍ରମୁଖ ସାମିଲ ଥିଲେ।



ରେଲ୍‌ୱେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଚାଲିଛି।

# ଦିନରେ ଭୋକରେ ରହିଲେ, ସନ୍ଧ୍ୟାରେ ମିଳିଲା ମଧ୍ୟାହ୍ନଭୋଜନ

**ନବରଙ୍ଗପୁର,୧୬।୧୧(ବି.ପ୍ର.)**



ଭୋକରେ ରହିଥିବା ହଷ୍ଟେଲର ଛାତ୍ରମାନେ।

**ଅନ୍ୟ ଉପରେ ଦୋଷ ଲଦି ଦାୟିତ୍ୱ ଭୁଲିଗଲେ ପ୍ରଧାନ ଶିକ୍ଷକ**

ହଷ୍ଟେଲ ଛାଡ଼ି ପ୍ରଧାନ ଶିକ୍ଷକ ଚାଲିଗଲେ। ପିଲାଙ୍କୁ ମିଳିଲାନି ମଧ୍ୟାହ୍ନ ଭୋଜନ। ଭୋକ ଦିନସାରା ରହିଲେ ୭୨ ଛାତ୍ର। ସମସ୍ୟା ବୁଝିବାକୁ ମଧ କେହି ନ ଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚିବା ପରେ ସନ୍ଧ୍ୟାରେ ମିଳିଲା ଖାଦ୍ୟ। ଭାଟିଗାଁ ସ୍ଥିତ ୫-ଟି ଅଧୀନ ସରକାରୀ ୟୁଜି ହାଇସ୍କୁଲରେ ବୁଧବାର ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ପ୍ରଧାନ ଶିକ୍ଷକ ଓ ରୋଷେଇ ଦାୟିତ୍ୱରେ ଥିବା କର୍ମଚାରୀ ସମସ୍ତେ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ପ୍ରଧାନ ହେଲେ ପ୍ରଧାନ ଶିକ୍ଷକ ହେଡକ୍ୱାଟର ଛାଡ଼ି ନବରଙ୍ଗପୁରେ ରହୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ପିଲାମାନେ ଭୋକରେ ରହିଲେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ସମସ୍ୟାକୁ ଗୁରୁତର ସହ ନେଇ ତଦନ୍ତ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଜିଲା ଶିକ୍ଷା ବିଭାଗ ଅଧୀନରେ ଭାଟିଗାଁ ସରକାରୀ ୟୁଜି ହାଇସ୍କୁଲ ରହିଛି। ୧୧୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ରହିଛି। ବୁଧବାର ପ୍ରଥମାଷ୍ଟମୀ ଯୋଗୁ ବିଦ୍ୟାଳୟ ଛୁଟି ଥିଲା। ଛାତ୍ରାବାସରେ ୭୨ ଛାତ୍ର ଥିଲେ। ସକାଳୁ ରୋଷେୟା ଖଗପତି ଭତରାଙ୍କୁ ପ୍ରଧାନ ଶିକ୍ଷକ ସରୋଜ କୁମାର ତ୍ରିପାଠୀ ଚାଉଳ, ଡାଲି, ପରିବା ଆଦି ଦେଇ ବିଦ୍ୟାଳୟରୁ ଚାଲି ଯାଇଥିଲେ। ଖଗପତି ଆଉ ରୋଷେଇ କଲେ ନାହିଁ। ଫଳରେ ଛାତ୍ରମାନେ ଦିନସାରା ଭୋକରେ ରହିଥିଲେ। ନିଶା କାରଣରୁ ରୋଷେୟା ଏଭଳି କରିଥିବା ଅଭିଯୋଗ ହୋଇଛି। ତେବେ ଏହାର ସତ୍ୟତା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପିଲାମାନେ ଭୋକରେ ଥିବା ପ୍ରଚାର ହେବାପରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାମକୃଷ୍ଣ ଗୌଡ଼ ସାଢ଼େ ୨ଟାରେ ଛାତ୍ରମାନଙ୍କୁ ୧୫୦ ଟଙ୍କା ଦେଇ କିଛି ଜଳଖିଆ ଆଣି ଖାଇଦିଅ ବୋଲି କହିଥିଲେ। ହେଲେ ରୋଷେଇ ଦାୟିତ୍ୱରେ ଥିବା ୩ କର୍ମଚାରୀ ନିଶାରେ ରହୁଥିବାରୁ ସେମାନଙ୍କୁ କାର୍ଯ୍ୟରୁ ହଟାଯାଉ ବୋଲି ପିଲାଙ୍କ ଅଭିଭାବକ ମାନେ ଦାବି କରିଛନ୍ତି। ତାହା ନ ହେଲେ ବିଦ୍ୟାଳୟରେ ତାଲାପକାଇ ପିଲାଙ୍କୁ ଆଉ ସ୍କୁଲ ପଠାଇବୁ ନାହିଁ ବୋଲି ଚେତାବନି ଦେଇଛନ୍ତି। ଏମିତିକି ଚାଉଳ ଚୋରି ହେବା ସହ ବିଦ୍ୟାଳୟରେ ଅନେକ ସମୟରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିବା ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଏ ନେଇ ପୂର୍ବରୁ ଡିଇଓଙ୍କୁ ଅନେକ ଥର ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସେମାନେ କହିଛନ୍ତି।

ଭୋକରେ ରହିବା ବିଷୟରେ ହଷ୍ଟେଲ ଛାତ୍ର ଖଗେଶ୍ୱର ଭତରା କହିଛନ୍ତି, ସକାଳେ ଚୁଡ଼ା ଦେଇଥିଲେ। ଏହାପରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖାଦ୍ୟ ମିଳି ନ ଥିବା ସେ କହିଥିଲେ। ବଡମସିଗାଁ ସରପଞ୍ଚ କମଳେଶ୍ୱରୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଭାଟିଗାଁ ୫-ଟି ୟୁଜି ହାଇସ୍କୁଲରେ ଥିବା ରୋଷେୟା ମାନେ ସାଢ଼େ ୨ଟା ପର୍ଯ୍ୟନ୍ତ ଚୁଲି ଲାଗାଇ ନ ଥିଲେ। ପଚାରିବାରୁ କାଠ ଓଦା ହୋଇଥିବା କହିଥିଲେ। ତେବେ ୨ ମାସ ମଧ୍ୟରେ ୮ ଥର ବୈଠକ କରାଯାଇ ୩ ରୋଷେୟାଙ୍କୁ ବହିଷ୍କୃତ କରିବା ନିମନ୍ତେ ଦାବି ହେଉଛି। ହେଲେ ପ୍ରଧାନ ଶିକ୍ଷକ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସରପଞ୍ଚ କହିଛନ୍ତି। ୩ ରୋଷେୟାଙ୍କୁ ବହିଷ୍କାର କରା ନ ଗଲେ ନିଜେ ସ୍କୁଲରେ ତାଲା ଠୁଙ୍କିବେ ବୋଲି ସେ କହିଛନ୍ତି। ଘଟଣା ବିଷୟରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ରୋଷେୟା ଖଗପତି ଭତରାଙ୍କୁ ପଚାରିବାରୁ ସେ ନିଶାରେ ଥିବା ଘଟଣାକୁ ଖଣ୍ଡନ କରିଛନ୍ତି। ଚୁଲି ସଜାଡ଼ିବାରେ ସମସ୍ୟା ହେବାରୁ ରୋଷେଇ ବିଳମ୍ବ ହେଲା। ପ୍ରଧାନ ଶିକ୍ଷକଙ୍କୁ ଜଣାଇବା ପରେ ସେ ଗ୍ୟାସ ଯୋଗାଡ଼ କରିଥିଲେ ବୋଲି ସେ କହିଛନ୍ତି। ପ୍ରଧାନ ଶିକ୍ଷକ ସରୋଜ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ ଜରୁରୀ ବୈଠକକୁ ଯାଇଥିଲେ ବୋଲି କହିଛନ୍ତି। ଚୁଲି ଜଳୁ ନ ଥିଲେ ମଧ ୨ ଟା ପର୍ଯ୍ୟନ୍ତ ରୋଷେୟା କିମ୍ବା ପିଲାମାନେ ଜଣାଇ ନ ଥିଲେ। ଖବର ପାଇ ରୋଷଇ କରାଯାଇଛି ବୋଲି ସେ ସନ୍ଧ୍ୟାରେ କହିଥିଲେ। ଅନ୍ୟପକ୍ଷରେ ୩ କର୍ମଚାରୀଙ୍କୁ ହଟାଇବା ବିଷୟରେ ସେ କହିଛନ୍ତି, ସେମାନଙ୍କ ପେଟପାଟଣାର କଥା। ସ୍କୁଲ ପରିଚାଳନା କମିଟି ଓ ଗାଁ ଲୋକଙ୍କ ସହ ଆଲୋଚନା ପରେ ସେମାନଙ୍କୁ ରଖାଯାଇଥିଲା। ପ୍ରଧାନ ଶିକ୍ଷକ ଭାବେ ନିଜେ ଖାଦ୍ୟ ଖାଇଥିଲେ ମଧ ପିଲାଙ୍କୁ ମିଳି ନ ଥିବାରୁ ଦୁଃଖିତ ବୋଲି ସେ କହିଥିଲେ।

**ଲକ୍ଷ୍ମୀପୁରରେ ୩୦ରେ ପରବ**

ଲକ୍ଷ୍ମୀପୁର, ( ସ୍ୱ.ପ୍ର. ): ଲକ୍ଷ୍ମୀପୁର ବ୍ଲକ ସ୍ୱୟଂସହାୟକ ଗୋଷ୍ଠୀ ତାଲିମ କେନ୍ଦ୍ର ଗୃହରେ ବ୍ଲକସ୍ତରୀୟ ପରବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ପ୍ରୀତିରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ସୁଆଇ କୁଲେସିକା,ଉପାଧକ୍ଷା ଆରତୀ କୁଳଦୀପ, ଅତିରିକ୍ତ ତହିଲଦାର ମାଧବ ଭତ୍ରା, ଏମ୍‌ପି ପ୍ରତିନିଧି ପବିତ୍ର ସାଉଁତା, ଆଇଆଇସି ଶ୍ୱେତପଦ୍ମା ସେଠ, ସିଡିପିଓ ପାର୍ବତୀ ଆଚାରି, ଜିପିଇଓ ସୁଧୀର ବେହେରାଙ୍କ ସମେତ ସବୁ ପଞ୍ଚାୟତର ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୩୦ରେ ମିନି ଷ୍ଟାଡିୟମଠାରେ ଏହି ପରବ ପାଳନ ହେବାକୁ ନିଷ୍ପତ୍ତି ହୋଇଥିଲା।

## ସଂକ୍ଷେପରେ

### ଗଛକୁ ପିଟିଲା କାର୍, ଗାଡ଼ି ଚାଳକଙ୍କ ମୃତ୍ୟୁ



**ବୈପାରିଗୁଡା,୧୬।୧୧ (ଡି.ଏନ୍.ଏ.):** ବୁଧବାର ଜୟପୁରଠାରୁ ଗୁପ୍ତେଶ୍ୱର ଅଭିମୁଖେ ଯାଉଥିବା ଏକ କାର (ଓଆର ୦୨ ଏନ୍ ୧୮୦୦) ରାମଗିରିଠାରେ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେ ହେଲେ ସନ୍ତୋଷ କୁମାର ପ୍ରଧାନି । ତାଙ୍କ ଘର ଜୟପୁର ସମ୍ଭାରତୋଟା ସାହିରେ । ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାମଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ପରେ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । କାରରେ ଥିବା ଅନ୍ୟ ୨ ଯାତ୍ରୀ ସୁଜାତା ମହାପାତ୍ର (୫୬) ଏବଂ ତାଙ୍କ ଝିଅ ଶର୍ମିଷ୍ଠା ଦାସ ମଧ ଆହାତ ହୋଇଥିଲେ । ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ଜୟପୁର, ୧୬।୧୧ (ନି.ପ୍ର.):** ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି । ଯୁବତୀ ଜଣକ ମୁକ ଓ ବଧିର ହୋଇଥିବାରୁ ଜଣେ ଲୋକ ପ୍ରତିନିଧି ତାଙ୍କୁ ବାରମ୍ବାର ବଳତ୍କାର କରି ଚାଲିଥିଲେ। ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରିବାର ଲୋକେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସମ୍ପୃକ୍ତ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ତାଙ୍କ ଡାକ୍ତରି ମାଇନା କରିଛି। ବୋରିଗୁମ୍ମା ବ୍ଲକ ଚମ୍ପାପଦର ପଞ୍ଚାୟତ ସମିତିସଭ୍ୟ ଦିବାନ ହରିଜନଙ୍କ ନାମରେ ଥାନାରେ ପିଡିତା ଓ ପରିବାର ଲୋକେ ଅଭିଯୋଗ କରିଥିବା ଜଣାପଡିଛି। ଯୁବତୀଙ୍କ ଗ୍ରାମକୁ ବ୍ୟବସାୟ କରିବାକୁ ଯାଇ ସମିତିସଭ୍ୟ ଦିବାନ ଯୁବତୀଙ୍କ ଇଛା ବିରୋଧରେ ତାଙ୍କୁ ବଳାତ୍କାର କରି ଆସୁଥିଲେ । ଅନ୍ୟପକ୍ଷରେ ଘଟଣାକୁ ଚପାଇଦେବାକୁ ଦିବାନ ଯୁବତୀଙ୍କ ପରିବାରକୁ ଆର୍ଥିକ ପ୍ରଲୋଭନ ଦେଖାଉଥିବା ଜଣାଯାଇଛି । ଯୁବତୀଙ୍କ ଅଭିଯୋଗର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଉମେଶ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ଜୟପୁର, ୧୬।୧୧(ନି.ପ୍ର.):** ସ୍ୱର୍ଗତ ଡାକ୍ତର ଉମେଶ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଦୁର୍ଗା ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସଭାରେ ଡ. ସୁରେଶ ଦାଶ ପୌରୋହିତ୍ୟ କରିଥିଲେ। ପ୍ରଫେସର ନୟନ ମହାନ୍ତି, ରବିନାରାୟଣ ପଟ୍ଟନାୟକ, ଜଗନ୍ନାଥ ପାତ୍ର, ରଘୁନାଥ ରଥ, ଏସ୍. କେ. ସରଫ, ରାଜେନ୍ଦ୍ର ଗୌଡ଼, ଉମେଶ ମିଶ୍ର, ଶରତ ପାଢ଼ୀ, ବଙ୍କିମ ମହାପାତ୍ର, ସତ୍ୟ ଦାସ, ରାଜେନ୍ଦ୍ର ସାହୁ, କୈଳାସ ମହାପାତ୍ର, ଈଶ୍ୱର ପଟ୍ଟନାୟକ, କୈଳାସ ମିଶ୍ର, ଲକ୍ଷ୍ମୀ ମହାଙ୍କୁଡ଼ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

### ସମାଧାନ ହେଲା ଖବରଦାତା-ପୂର୍ବତନ ବିଧାୟକଙ୍କ ବିବାଦ

**ଲକ୍ଷ୍ମୀପୁର, ୧୬।୧୧( ସ୍ୱ.ପ୍ର.):** ବୁଧବାର ଜାତୀୟ ପ୍ରେସ ଦିବସ ଅବସରରେ ପୂର୍ବରୁ ଖବରଦାତା ଓ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ମଧରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇଛି। ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଖବରଦାତା ରାଜେନ୍ଦ୍ର ଗଡଡ଼, ଆଇନ ପରାମର୍ଶଦାତା ବାଲା ରାୟ, ପରୀକ୍ଷିତ ବିଶାଳ, ପରମେଶ୍ୱର ସାହୁ ଙ୍କ ସହ ଅନ୍ୟମାନେ ଲକ୍ଷ୍ମୀପୁରଠାରେ ପହଞ୍ଚିଥିଲେ। ପୂର୍ବତନ ବିଧାୟକ କୁଲେସିକାଙ୍କ ପକ୍ଷରୁ ପୂର୍ବତନ ଏମ୍‌ପି ଝିନ୍ନ ହିକକାଙ୍କ ସହ ସ୍ଥାନୀୟ ଲୋକ ପ୍ରତିନିଧି ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଏକାଠି ହୋଇଥିଲେ। ପରେ ସେମାନଙ୍କ ମଧରେ ବୁଝାମଣା ହୋଇଥିଲା। ଦୁଇ ଖବରଦାତା ଥାନାରେ ଦେଇଥିବା ମାମଲା ଉଠାଇନେବା ସହ ଆଗାମୀ ଦିନରେ ମିଳିମିଶି ଭାଇଚାରା ଭାବ ନେଇ ଚଳିବା ପାଇଁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ରାଜିନାମା ପତ୍ର ଲେଖାଯାଇ ଲକ୍ଷ୍ମୀପୁର ଆଇଆଇସି ଶ୍ୱେତପଦ୍ମା ସେଠ, ଏସଡିପିଓ ଓ କୋରାପୁଟ ଏସ୍‌ପିଙ୍କ ଉଦ୍ଦେଶ୍ୟ ପ୍ରଦାନ କରାଯାଇଥିଲା।

# ପ୍ରତିଶ୍ରୁତି ଦେଇ ରଖୁନି ରେଳ ବିଭାଗ, ଧାରଣା ଦେଲେ ଅଞ୍ଚଳବାସୀ

**କୋଟପାଡ଼,୧୬।୧୧(ଡି.ଏନ୍.ଏ.)**

- କରୋନା ସମୟରେ ୨ବର୍ଷ ଟ୍ରେନ୍ ଚଳାଚଳ ବନ୍ଦ ଥିଲା
- ପରବର୍ତ୍ତୀ ସମୟରେ ଟ୍ରେନ୍ ଚଳାଇବାକୁ ଭୁଲିଗଲା ବିଭାଗ
- ବାରମ୍ବାର ଦାବିକରି ନ ଶୁଣିବାରୁ ହେଲା ରେଲରୋକୋ

କୋରାପୁଟ ଜିଲ୍ଲା କୋଟପାଡ଼ ନିକଟସ୍ଥ ଭୋନସୁଲିସ୍-କୋଟପାଡ଼ ରୋଡ୍ ରେଳ ଷ୍ଟେଶନରେ ଟ୍ରେନ୍ ରହଣିକୁ ନେଇ ରେଳ ବିଭାଗ ବାରମ୍ବାର ପ୍ରତିଶ୍ରୁତି ଦେଇ ଏହା ନ ରଖିବାରୁ ବୁଧବାର ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀମାନେ ବୁଧବାର ରେଲରୋକୋ କରିଥିଲେ। ଖବରପାଇ ରେଳ ବିଭାଗର ବାଣିଜ୍ୟିକ ପରିଚାଳିକା ଘଟଣାସ୍ଥଳରେ ପହଞ୍ଚି ଧାରଣା ଦେଇଥିବା ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଆସନ୍ତା ୨ମାସ ମଧରେ ଏଠାରେ ରେଳ ରହଣି ବ୍ୟବସ୍ଥା କରାଯିବ ବୋଲି ଲିଖିତ ପତ୍ର ଦେବା ପରେ ଧାରଣା ହଟିଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧକ୍ଷ ଏମ୍. ଶଙ୍କର ରାଓ, ଆଇନଜୀବୀ ମଣିପ୍ରସାଦ ପଟ୍ଟନାୟକ, ପ୍ରେସ୍ କ୍ଲବ ସଭାପତି ପଙ୍କଜ ପାତ୍ର, ପାଣି ପଞ୍ଚାୟତ ଅଧକ୍ଷ ବୀରେନ ବିଶୋୟୀ, ଗୌରୀ ପଟ୍ଟନାୟକ, ରାମେଶ୍ୱର ସ୍ୱାଇଁଙ୍କ ସହ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରେଳ ବିଭାଗର ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ବୋରିଗୁମା ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଥାନା ଅଧିକାରୀ ଶେଷଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଖବରରୁ ଜଣାପଡ଼ିଛି, ଅଗଷ୍ଟ ୧ରେ ଭୋନସୁଲିସ୍-କୋଟପାଡ଼ ରୋଡ୍ ରେଳ ଷ୍ଟେଶନରେ ଟ୍ରେନ ବିଶାଖାପାଟଣା ରେଳ ଡିଭିଜନକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ମଧ ନବରଙ୍ଗପୁର ଏମ୍‌ପି, ସ୍ଥାନୀୟ ବିଧାୟକ, ରେଳମନ୍ତ୍ରୀ, କୋରାପୁଟ ଜିଲ୍ଲାପାଳ ଓ ରେଳ ଡିଭିଜନ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ପୂର୍ବରୁ ଏଠାରେ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ରାଉରକେଲା, କିରାଣ୍ଡୁଲ, ବିଶାଖାପାଟଣା ନାଇଟ ଏକ୍ସପ୍ରେସ୍ ଟ୍ରେନ ରହୁଥିଲା। ଗତ ୨ ବର୍ଷ କୋଭିଡ୍ କଟକଣା ଯୋଗୁ ଟ୍ରେନ୍ ଚଳାଚଳ ବନ୍ଦ ଥିଲା। ତେବେ ପରବର୍ତ୍ତୀ ସମୟରେ ଟ୍ରେନ୍‌ଗୁଡ଼ିକ ଚାଲୁ ରହିଥିଲେ ସୁଦ୍ଧା ଏଠାରେ ଟ୍ରେନ ରହୁନାହିଁ । ଫଳରେ ଏହି ଅଞ୍ଚଳରୁ ଲୋକେ ୩୫ କି.ମି. ଦୂର ଜଗଦଲପୁର କିମ୍ବା ୫୦ କି.ମି. ଜୟପୁର ଯାଇ ଟ୍ରେନ ଯାତ୍ରା କରୁଛନ୍ତି। ଉକ୍ତ ଅଞ୍ଚଳର ବିଦ୍ୟାର୍ଥୀ, ରୋଗୀ, ବ୍ୟବସାୟୀ ବିଶାଖାପାଟଣା କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରନ୍ତି। ଟ୍ରେନ ଏଠାରେ ରହୁ ନ ଥିବାରୁ ସେମାନେ ବହୁ ହଇରାଣ ହେଉଛନ୍ତି। ଅଗଷ୍ଟ ୧୨ ସୁଦ୍ଧା ଭୋନସୁଲିସ୍-କୋଟପାଡ଼ ରୋଡ୍ ରେଳ ଷ୍ଟେଶନରେ ଟ୍ରେନ ନ ରହିଲେ ୨୧ରେ ରେଲରୋକୋ କରିବାକୁ ବିଭିନ୍ନ ସଙ୍ଗଠନ,ରାଜନୈତିକ ଦଳ ପକ୍ଷରୁ ରେଳ ବିଭାଗ ଅଧିକାରୀଙ୍କୁ ଆଉ ଏକ ଦାବିପତ୍ର ଦେଇ ଅବଗତ କରାଯାଇଥିଲା। ଏହାକୁ ନେଇ ବିଶାଖାପଟଣା ରେଳ ଡିଭିଜନର ଡିଆର୍‌ଏମ୍ ଏକ ପ୍ରତିନିଧି ଦଳକୁ କୋଟପାଡ଼ ପଠାଇଥିଲେ । ସେମାନେ ୧୯ ତାରିଖରେ ପହଞ୍ଚି ଏନ୍‌ଏସି ଅଧକ୍ଷ ରାଓ ଏବଂ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ରେଲରୋକୋ ନ କରିବାକୁ ପରାମର୍ଶ ଦେଇ ରେଳ ରହଣି ଉପରେ ଆଲୋଚନା କରିଥିଲେ।



ରେଲଲାଇନରେ ରେଲରୋକୋ କରି ଧାରଣାରେ ବସିଥିବା ଅଞ୍ଚଳବାସୀ।

ଉକ୍ତ ପ୍ରତିନିଧି ଦଳରେ ରେଳ ବିଭାଗର ଆର୍‌ପିଏଫ୍ ସବ୍ ଇନ୍ସପେକ୍ଟର ଏନ୍. ଜଗନାଥ ରାଓ, ଜେ.ପି. ନାୟକ, କୋରାପୁଟ ରେଳ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ସି.କେ. ଭୋଇ, ଡି. ବାଗା ଥିଲେ । ଏଠାରେ ଟ୍ରେନ ରହଣି ନେଇ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ସେମାନେ ସେତେବେଳେ ଆଶ୍ୱାସନା ଦେଇଥିଲେ । ତେବେ ଏ ଦିଗରେ ରେଳ ବିଭାଗ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନ ନେବାରୁ ୩୧।୧୦।୨୨ରେ ବରିଷ୍ଠ ନାଗରିକ ସଂଘ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ପୁଣି ଏକ ଦାବିପତ୍ର ଦେଇ ଆସନ୍ତା ୧୫ ଦିନ ମଧରେ ଏଠାରେ ଟ୍ରେନ୍ ନ ରହିଲେ ୧୬ରୁ ରେଲରୋକୋ କରିବାକୁ ଜଣାଇଥିଲେ । ଦାବି ମୁତାବକ ରେଳ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ଭୋନସୁଲିସ୍-କୋଟପାଡ଼ ରୋଡ୍ ରେଳ ଷ୍ଟେଶନରେ ରେଲରୋକୋ କରାଯାଇଥିଲା।

## ବାଲ୍ୟବିବାହ ରୋକିବା ନେଇ ବୈଠକ



**ଦଶମନ୍ତପୁର,୧୬।୧୧(ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଭାକକ୍ଷରେ ବୁଧବାର ବାଲ୍ୟବିବାହ ରୋକିବା ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସଂରକ୍ଷଣ ୟୁନିଟ୍ ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଆକ୍ସନଏଡ୍‌ର ଜିଲା ସଂଯୋଜକ ଦଳପତି ନାୟକ, ସୁରକ୍ଷା ଅଧିକାରୀ ବାଳକୃଷ୍ଣ ମଲ୍ଲିକ, ବ୍ଲକ ସଂଯୋଜକ ଦେବାଶିଷ ରାଉତ, ପ୍ରଭାକର ସେମଲିଆ, ସମସ୍ତ ଆଇସିଡିଏସ୍ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ପାଷ୍ଟର, ଦିଶାରିଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। କେଉଁ ମାଧ୍ୟମରେ ବାଲ୍ୟବିବାହ ରୋକିବା, ଯୌନ ନିର୍ଯାତନା, ଉଦୁଲିଆ ପ୍ରଥା, ୨୦୦୬ରେ ଏନେଇ ଶିଶୁଙ୍କ ସୁରକ୍ଷା ପାଇଁ ହୋଇଥିବା କେତେକ ଆଇନ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏକତ୍ରିତ ହୋଇ ସମସ୍ତେ କାର୍ଯ୍ୟ କଲେ ବାଲ୍ୟବିବାହ ରୋକିହେବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା।

# ପଞ୍ଚାୟତ କର୍ମଚାରୀଙ୍କ ସମସ୍ୟା ବିଧାନସଭାରେ ଉପସ୍ଥାପନ କରିବି: ବିଧାୟକ

**ମାଲକାନଗିରି, ୧୬।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାର ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ବୁଧବାର ଏକ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ପଞ୍ଚାୟତ କର୍ମଚାରୀ ପିଅନ, ରାତ୍ର ଜଗୁଆଳି, ଝାଡୁଦାରଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହିତ, ଚାକିରିକୁ ନିୟମିତ କରିବା, ପଞ୍ଚାୟତ ବିଧି ବ୍ୟବସ୍ଥାରେ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସରକାରୀ ଭାବେ ଅନ୍ତର୍ଭୁକ୍ତ କରିବା, ଦିନକୁ ଦିନ ପଞ୍ଚାୟତଗୁଡିକରେ କାର୍ଯ୍ୟଭାର ବଢୁଛି। ଏବେ ୩୫ଟି ସରକାରୀ ଓ ବେସରକାରୀ ସଂସ୍ଥା କାର୍ଯ୍ୟ ପଞ୍ଚାୟତ ସ୍ତରରେ ହେଉଛି। କାର୍ଯ୍ୟରେ ବ୍ୟବହୃତ ମୂଲ୍ୟବାନ ଯନ୍ତ୍ରପାତି, ନଥିପତ୍ର ସହ ଖାଉଟି ସାମଗ୍ରୀ ପଞ୍ଚାୟତରେ ଗଚ୍ଛିତ ରହୁଛି। ଏଗୁଡିକର ସୁରକ୍ଷା ଦିଗରେ କର୍ମଚାରୀମାନେ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ଏହାସତ୍ତ୍ୱେ ସରକାର ସେମାନଙ୍କୁ ଅବହେଳା କରି ଆସୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବିଧାୟକ ବାକା ସେମାନଙ୍କ ଏହି ଦାବିଗୁଡିକୁ ବିଧାନସଭାରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ସଂଘ ସଭାପତି ଦେବା ମାଡି, ସମ୍ପାଦକ ଚନ୍ଦ୍ର ପାଙ୍ଗି, ସଦସ୍ୟ ରବିନ୍ଦ୍ର ପଡାଲ, ପଦଲାମ ପାଙ୍ଗି, ବୁଦା ଶିଶା, ଲକ୍ଷ୍ମଣ ହଣ୍ଡାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ୬୭୯୪ଟି ଗ୍ରାମ ପଞ୍ଚାୟତରେ ୫୯୮୨ ପିଅନ, ୨୦୪୧ ରାତ୍ର ଜଗୁଆଳ ଏବଂ ୭୯୮ ଝାଡୁଦାର କାର୍ଯ୍ୟ କରୁଛନ୍ତି।



ବିଧାୟକଙ୍କୁ ପଞ୍ଚାୟତ କର୍ମଚାରୀମାନେ ଦାବିପତ୍ର ଦେଉଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜନଜାତୀୟ ଗୌରବ ଦିବସ

**କୋରାପୁଟ,୧୬।୧୧ (ସ୍ୱ.ପ୍ର.)**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବିଶ୍ୱବିଦ୍ୟାଳୟର ଆଦିବାସୀ କଲ୍ୟାଣ ଓ କମ୍ୟୁନିଟି ବିକାଶ କେନ୍ଦ୍ରଠାରେ ଜନଜାତୀୟ ଦିବସ ପାଳିତ ହୋଇଯାଇଛି । ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଉପସ୍ଥିତ ମୁଖ୍ୟ ଅତିଥି ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା ଏଠାରେ ଆଦିବାସୀ ଭାଷା ଉପରେ ଏକ ଡିଜିଟାଲ କେନ୍ଦ୍ର ଓ ଡ. ଆମ୍ବେଦକର ସେଣ୍ଟର ଫର୍ ଏକ୍ସିଲେନ୍ସର ଉଦ୍‌ଘାଟନ କରି ଆଦିବାସୀ କଳା ଓ ସଂସ୍କୃତିକୁ ଭବିଷ୍ୟତ ବଂଶଧର ପାଇଁ ବଞ୍ଚାଇ ରଖିବା ନେଇ ଗୁରୁତ୍ୱାରୋପ କରିଥିଲେ । କୋଟସର ସମ୍ପାଦକ ଡ. ଜଗବନ୍ଧୁ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଭାରତର ସ୍ୱାଧୀନତାରେ ଜନଜାତି ନେତାଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ରେଜିଷ୍ଟ୍ରାର ଡ. ଅସିତ ଦାସ ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଡ. ବି.କେ. ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ପ୍ରଫେସର ପ୍ରଦୋଷ ରଥ, ଡ. କପିଳ ଖେମୁଣ୍ଡୁ, ସୁଧାକର ପଟ୍ଟନାୟକ, ଡ. କାକୋଲି ବାନାର୍ଜୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ପେଟା ଘାଟିରେ ଓଲଟିଲା ଟ୍ରକ୍



**ଜୟପୁର, ୧୬।୧୧ (ନି.ପ୍ର.)**

କୋରାପୁଟ ଜିଲା ଲମତାପୁଟ ଯିବା ରାସ୍ତାର ପେଟା ଘାଟିରେ ଏକ ଟ୍ରକ ଓଲଟି ପଡିଛି। ଘାଟିର ମାଉଲିମା ମନ୍ଦିର ନିକଟରେ ବ୍ରେକ ଫେଲ୍ ହୋଇଯିବାରୁ ଭାରସ୍ୟାମ ହରାଇ ଟ୍ରକଟି ଏପରି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଆନ୍ଧ୍ର ପ୍ରଦେଶରୁ ଜୟପୁର ଅଭିମୁଖେ ଟ୍ରକଟି ଭାଲିଆ ଚୋପା ଧରି ଆସୁଥିଲା। ଦୁର୍ଘଟଣା ଯୋଗୁ ଉଭୟ ପଟେ ରାସ୍ତା ଜାମ ହୋଇ ବହୁ ଗାଡିମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା।

# ତାଲିମ ପରେ ୱାର୍ଡର ଉନ୍ନତି କରିବାକୁ ଶପଥ ନେଲେ ୱାର୍ଡମେମ୍ବର

**ମାଲକାନଗିରି,୧୬।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧ୍ରିମାଳ, ଚଲାଣଗୁଡା ଓ ତଣ୍ଡିକି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ୱାର୍ଡମେମ୍ବର ପଞ୍ଚାୟତିରାଜ ବିଭାଗ ଦ୍ୱାରା ତିନିଦିନିଆ ତାଲିମ ନେଇଛନ୍ତି। ତାଲିମ ପରେ ସେମାନେ ଏଥିରୁ ଲବ୍ଧ ଜ୍ଞାନକୁ ବିନିଯୋଗ କରି ନିଜନିଜ ୱାର୍ଡର ଉନ୍ନତି କରିବେ ବୋଲି ଶପଥ ନେଇଛନ୍ତି। ତାଲିମବେଳେ ୱାର୍ଡମେମ୍ବରଙ୍କ ଭୂମିକା, କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ କେଉଁସବୁ ନିୟମ ରହିଛି ଏବଂ ଏହି ନିୟମକୁ ସେମାନେ କିପରି ପ୍ରୟୋଗ କରି ଗ୍ରାମର ଉନ୍ନତି କରିବେ ସେ ନେଇ ସେମାନଙ୍କୁ ତାଲିମ ବେଳେ ଅବଗତ କରାଯାଇଥିଲା। ପରିବର୍ତ୍ତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଶିଶୁ କଲ୍ୟାଣ ଅଧକ୍ଷ ଅଶୋକ ପଟ୍ଟନାୟକ, ଡିଆରଡିଏ ଆମୃସମ୍ୟାନ ସୁନାଧର ପାଲ, ପରିବର୍ତ୍ତନର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଯୋଗ ଦେଇଥିଲେ।



ତାଲିମ ଗ୍ରହଣ କରିଥିବା ୱାର୍ଡମେମ୍ବରମାନେ।

## ରମାକାନ୍ତ ସରପଞ୍ଚମାନଙ୍କ ସଭାପତି ନିର୍ବାଚିତ

**କୋରୁକୋଣ୍ଡା, ୧୬।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କ ସହମତିରେ ବୁଧବାର କାମବାଡା ସରପଞ୍ଚ ରମାକାନ୍ତ ମାଡକାମିଙ୍କୁ ବ୍ଲକ ଅନ୍ତର୍ଗତ ସରପଞ୍ଚମାନଙ୍କ ସଭାପତି ଭାବେ ଚୟନ କରାଯାଇଛି। ଡୁମୁସାପାଲ୍ଲି ସରପଞ୍ଚ ଦେବା ମଡକାମି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏ ସମ୍ପର୍କିତ ପତ୍ର ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟକୁ ପଠାଯାଇଥିବା ଜଣାପଡ଼ିଛି। ନବ ନିର୍ବାଚିତ ସଭାପତି ମାଡକାମି ସରପଞ୍ଚମାନଙ୍କ କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଅସୁବିଧା ସମାଧାନ କରିବା ଲାଗି ପ୍ରୟାସ କରିବେ ବୋଲି ଏହି ଅବସରରେ ପ୍ରକାଶ କରିଛନ୍ତି।



ସରପଞ୍ଚମାନେ ବିଡିଓଙ୍କୁ ନିର୍ବାଚନ ସମ୍ପର୍କିତ ପତ୍ର ଦେଉଛନ୍ତି।

# ୨୩୩ ଛାତ୍ରୀଛାତ୍ର କଲେ ଶିବିରରେ ଚକ୍ଷୁ ପରୀକ୍ଷା

**ଦାମନଯୋଡ଼ି,୧୬।୧୧ (ଡି.ଏନ୍.ଏ.)**

ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକ ଓ ପୌର ପରିଷଦ ବିଦ୍ୟାଳୟ ଏବଂ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ୨୩୩ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା। ୬୮ଜଣଙ୍କୁ ଚଷମା ବ୍ୟବହାର ଲାଗି କୁହାଯାଇଥିଲା। ୧୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ପୂର୍ବରୁ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ପରୀକ୍ଷା କରି ଦୃଷ୍ଟିଦୋଷ ଥିବା ପିଲାଙ୍କୁ ଶିବିରକୁ ଆଣିଥିଲେ। ରାଜ୍ୟ ସରକାରଙ୍କ 'ସୁନେତ୍ର' ଯୋଜନାରେ ଦୃଷ୍ଟି ଦୋଷ ଥିବା ପିଲାଙ୍କୁ ମାଗଣା ଚଷମା ପ୍ରଦାନ ସହ ଅନ୍ୟ ଚକ୍ଷୁରୋଗ ଭୋଗୁଥିବା ପିଲାଙ୍କ ମାଗଣାରେ ଚିକିତ୍ସା ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଜାତୀୟ ଅନ୍ଧତ୍ୱ ଦୂରୀକରଣ ଯୋଜନା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ଚାଲୁ ରହିଛି। କୋରାପୁଟ ଜିଲା ସଦର ମହକୁମାର ଚକ୍ଷୁ ସହାୟକ ମୁକ୍ତି ରଞ୍ଜନ ଜେନା ଓ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କୋରାପୁଟ ବିଇଓ ଶ୍ରୀକାନ୍ତ ଜାନି, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ଼, ଇତିଶ୍ରୀ ସୁବୁଦ୍ଧିଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପିଏଚ୍‌ଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ, ଜଗନ୍ନାଥ ବିଶ୍ୱାସରାୟ, ଜିତେନ୍ଦ୍ର ବାହାଦୁର, ସ୍ୱାସ୍ଥ୍ୟକର୍ମୀ ମାନସ ସ୍ୱାଇଁ, ଏନ୍‌ପିସିବି ଡିଇଓ ଅଭିନବ ସାମଲ ଓ ଏମ୍‌ଆର୍‌ଏ ଗୌରୀ ଶଙ୍କର ସାଉନ୍ତା ଉପସ୍ଥିତ ଥିଲେ।

# ଗଠନମୂଳକ ଖବର ପ୍ରସ୍ତୁତ ଉପରେ ଗୁରୁତ୍ୱ

**ମାଲକାନଗିରି,୧୬।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ବୁଧବାର ଜିଲାପାଳ ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଛି। ଏଥିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ସଭାପତିତ୍ୱ କରିଥିଲେ। ଉପଜିଲ୍ଲାପାଳ ଅକ୍ଷୟ ଖେମୁଣ୍ଡୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ସମାଜର ବିକାଶରେ ଏହାର ସକ୍ରିୟ ଭୂମିକା ରହୁଛି ବୋଲି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ମୁଖ୍ୟବକ୍ତା ଖେମୁଣ୍ଡୁ କହିଥିଲେ ଯେ, ମାଲକାନଗିରି ଜିଲାରେ ଦ୍ରୁତ ବିକାଶ ଘଟିଛି। ଏନେଇ ଖବରଦାତାମାନେ ଗଠନମୂଳକ ଖବର ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମାଜର ଚତୁର୍ଥ ସ୍ତମ୍ଭ ଭାବେ ଖବରଦାତାମାନଙ୍କର ନିଷ୍ପାପର ସେବାକୁ ମଧ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲାର ଅନେକ ଖବରଦାତା ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ।



ଜାତୀୟ ପ୍ରେସ୍ ଦିବସ ଅବସରରେ ଜିଲା ପରିଷଦ ସମ୍ମିଳନୀ ପକ୍ଷରୁ ଚାଲିଥିବା ଆଲୋଚନା ସଭା।

### ଜାତୀୟ ପ୍ରେସ ଦିବସ

ଜାତୀୟ ପ୍ରେସ ଦିବସ ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମାଲକାନଗିରିଜିଲା ଉତ୍କଳସାମ୍ବାଦିକସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ସମ୍ମାନିତ ଅତିଥି ରୂପେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଡାକ୍ତର ସାଗର ବାଲା, ଉପସ୍ଥିତ ଥିଲେ। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧକ୍ଷତା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଭିଡ ସମୟରେ ସଂଘ ପକ୍ଷରୁ ହୋଇଥିବା ବିଭିନ୍ନ ସଚେତନମୂଳକ କାର୍ଯ୍ୟ, ଗରିବଙ୍କୁ ସହାୟତା, ବୃକ୍ଷରୋପଣ, ପଲିଥିନ ବର୍ଜନ, ସଫେଇ କାର୍ଯ୍ୟକ୍ରମ ସମ୍ପର୍କରେ ପାତ୍ର ସୂଚନା ଦେଇଥିଲେ। ଶିବିରକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର, ମନୋଜ ମହାନ୍ତି, ଉପସଭାପତି ପ୍ରଭାକର ସୁନା, ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧକ୍ଷ ଶ୍ରୀନିବାସ ପାତ୍ର, ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଖବରଦାତା ଅଂଶଗ୍ରହଣ କରିଥିଲେ । ଶିବିରରୁ ରକ୍ତ ଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ୨୪ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

